# NATIONAL NEWS BULLETIN (ODIA)

## 22 September - 2025

### Morning Bulletin : 7.15 A.M.

************************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ କାର୍ଯ୍ୟକାରୀ ହୋଇଛି ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର

– ଦେଶର ଅର୍ଥନୀତିକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ; କହିଲେ ପ୍ରଧାନମନ୍ତ୍ରୀ

- ଅରୁଣାଚଳ ପ୍ରଦେଶ ଓ ତ୍ରିପୁରାକୁ ଆଜି ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ
- 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ଅଧୀନରେ ଏ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି ୨ ଲକ୍ଷ ୮୩ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର
- ଗାଜାରେ ଗତକାଲି ଇସ୍ରାଏଲ ସେନା ଆକ୍ରମଣରେ ଅତିକମ୍‌ରେ ୩୧ ଜଣଙ୍କର ମୃତ୍ୟୁ

ଏବଂ

- ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ଗତକାଲି ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କଲା ଭାରତ

# ପିଏମ୍-ଜିଏସ୍‌ଟି ରିଫର୍ମସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପରବର୍ତ୍ତୀ ପିଢ଼ି ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ସଂସ୍କାର ଦେଶର ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଦାନ କରିବ। ମଧ୍ୟବିତ୍ତ, ଯୁବବର୍ଗ ଏବଂ ଉପଭୋକ୍ତାଙ୍କୁ ଏହାର ସୁଫଳ ମିଳିବ ବୋଲି ସେ କହିଛନ୍ତି। ଦେଶବାସୀଙ୍କୁ ଗତକାଲି ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ନୂତନ ଜିଏସ୍‌ଟି ହାର କେବଳ ଟିକସ ହ୍ରାସ ନୁହେଁ ବରଂ ସଞ୍ଚୟ ପର୍ବ। ଦୈନନ୍ଦୀନ ଆବଶ୍ୟକୀୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବା ସହ ଉପଭୋକ୍ତା ଆଧାରିତ ଅଭିବୃଦ୍ଧିକୁ ସହାୟତା ପ୍ରଦାନ କରିବ। ଏହି ଟିକସ ସଂସ୍କାର ଆତ୍ମନିର୍ଭର ଭାରତ ଅଭିଯାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସଂସ୍କାର ସହିତ ଦେଶର ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ। ପ୍ରତ୍ୟେକ ରାଜ୍ୟରେ ଦେଶର ବିକାଶ ଯାତ୍ରାରେ ସମାନଭାବେ ଭାଗିଦାରୀ ନେବେ। ନବରାତ୍ରୀର ପ୍ରଥମ ଦିନ ଅର୍ଥାତ୍ ଆଜିଠାରୁ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର କାର୍ଯ୍ୟକାରୀ ହୋଇଛି।

**V/O–PM Modi- On next Generation Tax**

ପ୍ରଧାନମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ଟିକସ ଦାଖଲ ପ୍ରକ୍ରିୟା ମଧ୍ୟ ସରଳ ହୋଇଛି। ଟିକସ ବ୍ୟବସ୍ଥା ସରଳୀକୃତ ହେବା ସହ ସାମଗ୍ରୀ ପରିବହନ ଅଧିକ ତ୍ୱରାନ୍ୱିତ ହୋଇପାରିବ। ବିଭିନ୍ନ ରାଜ୍ୟ ଏବଂ ଅଂଶୀଦାରଙ୍କ ସହ ପରାମର୍ଶ ସହ ୨୦୧୪ ମସିହାରେ ବିଜେପି ନେତୃତ୍ୱାଧୀନ ସରକାର

ଦାୟିତ୍ୱ ଗ୍ରହଣ କରିବାଠାରୁ ଜିଏସ୍‌ଟିକୁ ପ୍ରାଥମିକତା ପ୍ରଦାନ କରିଥିଲେ। ବହୁ ଟିକସ ବ୍ୟବସ୍ଥା ଉଚ୍ଛେଦ ହୋଇଥିଲା। ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ପରେ କେବଳ ୫ ଏବଂ ୧୮ ପ୍ରତିଶତ ଟିକସ ଢାଞ୍ଚା କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କରମୁକ୍ତ ହୋଇଛି। 'ଏକ ରାଷ୍ଟ୍ର, ଏକ ଟିକସ ସ୍ୱପ୍ନ' ସାକାର ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O–PM-MODI-ON-POOR-FAMILY**

ପ୍ରଧାନମନ୍ତ୍ରୀ କହିଛନ୍ତି, ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ ହେବା ପୂର୍ବରୁ ବିଭିନ୍ନ ସ୍ଥାନରେ ମୂଲ୍ୟ ତୁଳନା ପ୍ରଦର୍ଶନ କରୁଥିବା ବୋର୍ଡଗୁଡ଼ିକ ପ୍ରଦର୍ଶିତ ହେଉଛି। ଏହି ସଂସ୍କାର ପ୍ରକ୍ରିୟା ଦ୍ୱାରା ଦେଶରେ ନାଗରିକଙ୍କ କ୍ରୟ କ୍ଷମତା ବୃଦ୍ଧି ପାଇବା ସହ ଉତ୍ପାଦ କ୍ଷେତ୍ର ଅଧିକ ଗତିଶୀଳ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଶାହା–ଜିଏସ୍‌ଟି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଆତ୍ମନିର୍ଭର ଭାରତ ସ୍ୱପ୍ନ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା' ଜିଏସ୍‌ଟି ସଂସ୍କାର ଉପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ପ୍ରଶଂସା କରି ଏହା କହିଛନ୍ତି। କୃଷି, ସ୍ୱାସ୍ଥ୍ୟ, ବୟନ ଶିଳ୍ପ ଏବଂ ନିର୍ମିତ ତନ୍ତୁ କ୍ଷେତ୍ରରେ ଜିଏସ୍‌ଟି ହ୍ରାସ' ଉତ୍ପାଦନ ବୃଦ୍ଧି କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିବା ଶ୍ରୀ ଶାହା କହିଛନ୍ତି। ଦୈନନ୍ଦୀନ ବ୍ୟବହାର ସାମଗ୍ରୀରେ ସ୍ୱଦେଶୀ ଉତ୍ପାଦକକୁ ଆପଣାଇବା ଏବଂ ପ୍ରତ୍ୟେକ ଘରକୁ

ସ୍ୱଦେଶୀର ପ୍ରତୀକ ଭାବେ ପରିଣତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରା ଗସ୍ତ କରିବେ । ଗସ୍ତ ସମୟରେ ଶ୍ରୀ ମୋଦୀ ୫ ହଜାର ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଅରୁଣାଚଳ ପ୍ରଦେଶରେ ୩ହଜାର ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଟି ପ୍ରମୁଖ ଜଳ ବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏଥିରେ ଅରୁଣାଚଳ ପ୍ରଦେଶର ସିୟୋ ଅବବାହିକାରେ ୨୪୦ ମେଗାୱାଟ୍‌ର ହିଓ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ୧୮୬ ମେଗାୱାଟର ଟାଟୋ-୧ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଶ୍ରୀ ମୋଦୀ ତୱାଙ୍ଗରେ ଏକ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ରର ମଧ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ହେଲ୍‌ଥ ମିନିଷ୍ଟ୍ରି- ସ୍ୱାସ୍ଥ୍ୟ ନାରୀ

'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ଅଧୀନରେ ଗତ ୨୦ ତାରିଖ ସୁଦ୍ଧା ସମଗ୍ର ଦେଶରେ ୨ ଲକ୍ଷ ୮୩ ହଜାରରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଲୋକ ବହୁଳ ଭାବେ ଅଂଶଗ୍ରହଣ କରୁଛନ୍ତି। ମହିଳା ଏବଂ ଶିଶୁ ବ୍ୟାପକ ସ୍ୱାସ୍ଥ୍ୟସେବାର ସୁବିଧା

ପାଉଛନ୍ତି। ୭୬ ଲକ୍ଷରୁ ଅଧିକ ନାଗରିକ ଏହି ଅଭିଯାନରେ ପଞ୍ଜୀକୃତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ଇସ୍ରାଏଲ-ଗାଜା

ଇସ୍ରାଏଲ ସେନା ଆକ୍ରମଣରେ ଗତକାଲି ଗାଜାରେ ଅତିକମ୍‌ରେ ୩୧ ଜଣ ପାଲେଷ୍ଟିନୀୟଙ୍କର ମତ୍ୟୁ ହୋଇଛି। ବହୁ ଆବାସିକ ଅଞ୍ଚଳ ଏହି ଆକ୍ରମଣରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଗାଜାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ, ଇସ୍ରାଏଲ ଟ୍ୟାଙ୍କଗୁଡ଼ିକ ଜନବହୁଳ ସହରାଞ୍ଚଳ ଭିତରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରିଛି। ଅନ୍ୟପକ୍ଷରେ ଇସ୍ରାଏଲ କହିଛି, ଗତ କିଛି ଦିନ ମଧ୍ୟରେ ଇସ୍ରାଏଲ ସେନା ଗାଜାର ସହରାଞ୍ଚଳରେ ଏହାର ଅଭିଯାନକୁ ଅଧିକ ବ୍ୟାପକ କରିଛି। ଏହି ଅଭିଯାନରେ ବହୁ ଆତଙ୍କବାଦୀଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲ ସେନା କହିଛି। ପ୍ରତ୍ୟକ୍ଷଦର୍ଶୀ ଦେଇଥିବା ବିବରଣୀ ଅନୁଯାୟୀ, ଇସ୍ରାଏଲ ଟ୍ୟାଙ୍କଗୁଡ଼ିକ ଦକ୍ଷିଣ-ପୂର୍ବ ଅଞ୍ଚଳର ତେଲ ଅଲହୱା ଦେଇ ପଶ୍ଚିମ ଆଡ଼କୁ ଗତି କରୁଛି। ଆଗାମୀ ଜାତିସଂଘ ସାଧାରଣ ପରିଷଦ ବୈଠକରେ ପାଲେଷ୍ଟାଇନ୍ ରାଷ୍ଟ୍ରକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯିବା ନେଇ କେତେକ ପଶ୍ଚିମ ସହଯୋଗୀ ରାଷ୍ଟ୍ର ନେତାଙ୍କ ଘୋଷଣା ପରେ ଇସ୍ରାଏଲ ଏହାର କାର୍ଯ୍ୟାନୁଷ୍ଠାନକୁ ଅଧିକ ତୀବ୍ର କରିଥିବା ଜଣାପଡ଼ିଛି।

## ୟୁଏସ୍- ଏଚ୍୧ବି ଭିସା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ **H1B** ଭିସା ଆବେଦନ ଉପରେ ବାର୍ଷିକ ମୂଲ୍ୟ ବୃଦ୍ଧି ଘୋଷଣା ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟଙ୍କ ସହାୟତା ପାଇଁ ଏକ ଜରୁରୀକାଳୀନ ନମ୍ବର ଜାରି କରାଯାଇଛି। ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଏହି ଟେଲିଫୋନ୍ ନମ୍ବର ଜାରି ହୋଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦୂତାବାସ କହିଛି, ସହାୟତା ଆବଶ୍ୟକ କରୁଥିବା ଭାରତୀୟ ନାଗରିକ ଏହି ନମ୍ବର ମାଧ୍ୟମରେ ଯୋଗାଯୋଗ କରିପାରିବେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆମେରିକା ଫେରିବାକୁ ଚାହୁଁଥିବା ପ୍ରବାସୀ ଭାରତୀୟଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପ **H1B** ଭିସା ଆବେଦନ ଉପରେ ବାର୍ଷିକ ୧ ଲକ୍ଷ ଡଲାର ଦେୟ ଲାଗୁ ନେଇ ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

## ଜିଏସ୍‌ଟି ରିଫର୍ମସ-ଅଟୋମୋବାଇଲ୍

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଦେଶର ଟିକସ ବ୍ୟବସ୍ଥାରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏହି ବ୍ୟବସ୍ଥା ସରଳ, ସ୍ୱଚ୍ଛ ଏବଂ ଲୋକାଭିମୁଖୀ ହୋଇଛି। ଜିଏସ୍‌ଟି ସଂସ୍କାରର ସୁଫଳ ସିଧାସଳଖ ନାଗରିକଙ୍କ ପାଖରେ ପହଁଞ୍ଚିବ। ଅଟୋମୋବାଇଲ୍‌ସ କ୍ଷେତ୍ରରେ ଜିଏସ୍‌ଟି ସଂସ୍କାର ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଦୁଇଚକିଆ ଯାନ ଏବଂ ଛୋଟ କାର୍‌ଗୁଡ଼ିକ ଉପରେ ଜିଏସ୍‌ଟି ହାର ୨୮ରୁ ୧୮ ପ୍ରତିଶତକୁ

ହ୍ରାସ ପାଇଛି। ବୃହତ୍ କାର୍‌ଗୁଡ଼ିକ ଉପରେ ୪୦ ପ୍ରତିଶତ ଟିକସ ଲାଗୁ ହୋଇଥିବା ବେଳେ ସେସ୍ ଉଚ୍ଛେଦ କରାଯାଇଛି। ଅଟୋମୋବାଇଲ୍ କ୍ଷେତ୍ରରେ ବ୍ୟବହୃତ ହୋଇଥିବା ଯନ୍ତ୍ରାଂସ ଉପରେ ମଧ୍ଯ ଜିଏସ୍‌ଟି ହାର ହ୍ରାସ ପାଇଛି। ଏଭଳି ହ୍ରାସ ଯାନବାହନ ମୂଲ୍ୟକୁ ହ୍ରାସ କରିବ ବୋଲି ନାଗରିକ କହିଛନ୍ତି। ଏଭଳି ସଂସ୍କାର ଦେଶରେ ଅଭିବୃଦ୍ଧି ଏବଂ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବ। ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣକୁ ସାକାର କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି।

# ଜିଏସ୍‌ଟି ରିଫର୍ମସ-ଅଟୋମୋବାଇଲ୍

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଦେଶର ଟିକସ ବ୍ୟବସ୍ଥାରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏହି ବ୍ୟବସ୍ଥା ସରଳ, ସ୍ୱଚ୍ଛ ଏବଂ ଲୋକାଭିମୁଖୀ ହୋଇଛି। ଜିଏସ୍‌ଟି ସଂସ୍କାରର ସୁଫଳ ସିଧାସଳଖ ନାଗରିକଙ୍କ ପାଖରେ ପହଁଞ୍ଚିବ। ଅଟୋମୋବାଇଲ୍‌ସ କ୍ଷେତ୍ରରେ ଜିଏସ୍‌ଟି ସଂସ୍କାର ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଦୁଇଚକିଆ ଯାନ ଏବଂ ଛୋଟ କାର୍‌ଗୁଡ଼ିକ ଉପରେ ଜିଏସ୍‌ଟି ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ ପାଇଛି। ବୃହତ୍ କାର୍‌ଗୁଡ଼ିକ ଉପରେ ୪୦ ପ୍ରତିଶତ ଟିକସ ଲାଗୁ ହୋଇଥିବା ବେଳେ ସେସ୍ ଉଚ୍ଛେଦ କରାଯାଇଛି। ଅଟୋମୋବାଇଲ୍ କ୍ଷେତ୍ରରେ ବ୍ୟବହୃତ ହୋଇଥିବା ଯନ୍ତ୍ରାଂସ ଉପରେ ମଧ୍ଯ ଜିଏସ୍‌ଟି ହାର ହ୍ରାସ ପାଇଛି। ଏଭଳି ହ୍ରାସ ଯାନବାହନ ମୂଲ୍ୟକୁ ହ୍ରାସ କରିବ ବୋଲି ନାଗରିକ କହିଛନ୍ତି। ଏଭଳି ସଂସ୍କାର ଦେଶରେ ଅଭିବୃଦ୍ଧି ଏବଂ

ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବ। ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣକୁ ସାକାର କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି।

# ସେବାପର୍ବ-ଫାଇନାନସିଆଲ ସିକ୍ୟୁରିଟି

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି  ସୁଲଭ, ଆବାସ ଓ ଆଧୁନୀକ ସହରୀ ଭିତ୍ତିଭୂମିକୁ ସୁନିଶ୍ଚିତ କରିଛନ୍ତି।

ଏ ସମ୍ପର୍କରେ ଏକ ରିପୋର୍ଟ...

**Seba Parba Opening**

ଗତ ୧୧ ବର୍ଷ ଧରି ଦୃଢ଼ ନିଷ୍ଠାର ସହିତ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ସମଗ୍ର ଦେଶରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛନ୍ତି। ନାଗରିକ କୈନ୍ଦ୍ରିକ ସଂସ୍କାର ମାଧ୍ୟମରେ ଜୀବନକୁ ସରଳ ଏବଂ ସହଜ କରାଯାଇଛି। ଲୋକଙ୍କ ହୃଦୟର ନିକଟତର ଏହା ହେବା ସହ ସୁଲଭ ଆବାସ ପ୍ରଦାନ ଯୋଜନା କାର୍ଯ୍ୟକାରୀ କରାଯାଇଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମାଧ୍ୟମରେ ଗୁଣାତ୍ମକ ଆବାସ ଉପଲବ୍ଧତା ସୁନିଶ୍ଚିତ ହୋଇପାରୁଛି । ସ୍ମାର୍ଟ ସିଟି ମିଶନ ଅଧୀନରେ ସହରଗୁଡ଼ିକ ବିକଶିତ ହୋଇଛି । ଏହି ଯୋଜନା ଅଧୀନରେ ଦେଢ଼ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୭ ହଜାର ୫୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଅମୃତ ଏବଂ ଅମୃତ ୨.୦ ଦେଶବାସୀଙ୍କ ପାଇଁ  ସ୍ୱଚ୍ଛ ଜଳ ଏବଂ ସ୍ୱରେଜ ବ୍ୟବସ୍ଥା, ଶକ୍ତିକ୍ଷେତ୍ରକୁ ସୁଦୃଢ଼ କରିଛି । ଉଜାଲା ଯୋଜନା ଅଧୀନରେ ଏଲ.ଇ.ଡି. ବଲ୍ ପ୍ରଦାନ ଦ୍ୱାରା ଘରଗୁଡ଼ିକୁ ଆଲୋକିତ କରାଯାଇଛି । ଜଳଜୀବନ ମିଶନ ଅଧୀନରେ ଗାଁଗୁଡ଼ିକୁ ସ୍ୱଚ୍ଛ ଜଳଯୋଗାଣ ସମ୍ଭବ ହେବା ସହ ସ୍ୱଚ୍ଛ ଭାରତ ମିଶନ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳଗୁଡ଼ିକରେ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି ।

**BYTE– SUNITA**

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା

**Seba Parba Closing**

# କ୍ରିକେଟ

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ-୨୦୨୫ ପ୍ରତିଯୋଗିତାର ସୁପର-ଫୋର୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଗତକାଲି ଭାରତ’ ପାକିସ୍ତାନକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ଭାରତ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରତିଯୋଗିତାମୂଳକ ଏହି ମ୍ୟାଚ୍‌ରେ ପାକିସ୍ତାନ ୫ ୱିକେଟରେ ୧୭୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସାହିବଜାଦା

ଫରହାନ୍ ସର୍ବାଧିକ ୫୮ ରନ୍ ସଂଗ୍ରହ କରିଥିଲେ। ୧୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୭ଟି ବଲ୍ ବାକି ଥାଇ ହାସଲ କରିପାରିଥିଲା। ଦଳ ପକ୍ଷରୁ ଓପନ୍‌ର ଅଭିଶେକ ଶର୍ମା ଚିତ୍ତାକର୍ଷକ ୪୨ଟି ବଲରୁ ୭୪ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଶୁଭମନ ଗିଲ୍ ୪୭ ରନ୍ ସଂଗ୍ରହ କରିଥିଲେ। ଭାରତ ପରବର୍ତ୍ତୀ ସୁପର-ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ବିପକ୍ଷରେ ଖେଳିବ।